This question paper consists of **25** questions and **4** printed pages.
ଏହି ପ୍ରଶ୍ନପତ୍ରରେ ମୋଟ **25**ଟି ପ୍ରଶ୍ନ ଅଛି ଏବଂ **4** ମୁଦ୍ରିତ ପୃଷ୍ଠା ଅଛି ।

Roll No.
ରୋଲ୍ ନମ୍ବର

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**ODIA**
(ଓଡ଼ିଆ)
**(233)**

**Code No.** କୋଡ୍ ନମ୍ବର **50/S/A/OR**

**SET** **A**

Day and Date of Examination
ପରୀକ୍ଷାର ଦିନାଙ୍କ ଓ ତାରିଖ ..............................................................................

Signature of Invigilators
ପରୀକ୍ଷକ ମାନଙ୍କ ହସ୍ତାକ୍ଷର ନିରୀକ୍ଷକଙ୍କ ସ୍ୱାକ୍ଷର

1. ..............................................................
2. ..............................................................

---

**ସାଧାରଣ ନିର୍ଦ୍ଦେଶାବଳୀ :**

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।
2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।
3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।
4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।
5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି, ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।
6. ପ୍ରଶ୍ନପତ୍ରର କୋଡ଼ ନମ୍ବର 50/S/A/OR, Set A ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA
## (ଓଡ଼ିଆ)
## (233)

ସମୟ : **3** ଘଣ୍ଟା ] [ପୂର୍ଣ୍ଣ ସଂଖ୍ୟା : **100**

**ନିର୍ଦ୍ଦେଶ :** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୁଚିତ ହୋଇଛି ।

1. ବିପରୀତାର୍ଥ ବୋଧକ ଶବ୍ଦ ଲେଖ **(4ଟିର)** । **2**

ସରଳ, ଉନ୍ନତି, ମହଙ୍ଗା, ସାକ୍ଷର, ଧନୀ

2. ସନ୍ଧି ବିଚ୍ଛେଦ କର **(3ଟିର)** । **3**

ବିଦ୍ୟାଳୟ, ମଧୂକ୍ତି, ମହୀନ୍ଦ୍ର, ସୁଧାଂଶୁ

3. ପରୋକ୍ଷୋକ୍ତିରେ ପରିଣତ କର । **1**

ଗୋବିନ୍ଦ ଗୋପାଳକୁ କହିଲା – "ବଂଧୁ, ତୁମପାଇଁ ଅପେକ୍ଷାରେ ମୋର ଦିନ ତମାମ କଟିଲା ।"

4. ନିମ୍ନଲିଖିତ ବାକ୍ୟଗୁଡିକ ମଧ୍ୟରୁ କେଉଁଟି ସରଳବାକ୍ୟ, କେଉଁଟି ଜଟିଳ ବାକ୍ୟ ଓ କେଉଁଟି ଯୌଗିକ ବାକ୍ୟ ଚିହ୍ନାଇ ଦିଅ । **3**

(କ) ଶିକ୍ଷକ କହିଲେ "ରାମ ଆସନ୍ତାକାଲି ନିଶ୍ଚୟ ସମ୍ବଲପୁର ଯିବ ।"

(ଖ) ତାଙ୍କର ଅନେକ ଧନସଂପତ୍ତି ଥାଏ ଓ ଅନେକ କ୍ରୀତଦାସ ଥାଆନ୍ତି ।

(ଗ) ପିଲାଟି ଆସୁ ଆସୁ କାଦୁଅରେ ପଡ଼ିଗଲା ।

5. ରୂଢ଼ିମାନଙ୍କର ଅର୍ଥ ଲେଖ **(3ଟିର)** । **3**

ଅହି-ନକୁଳ ସଂପର୍କ, ଜିରାରୁ ଶିରା କାଢ଼ିବା, ବୋଝ ଉପରେ ନଳିତା ବିଡ଼ା, ଆକାଶ କଇଁଆ

6. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ । **2**

ଲକ୍ଷ-ଲକ୍ଷ୍ୟ, ଦିନ-ଦୀନ

7. ନିମ୍ନଲିଖିତ ଶବ୍ଦମାନଙ୍କ ସହିତ ତା'ର ପ୍ରତିଶବ୍ଦ ବାଛି ଲେଖ । **2**

ଶବ୍ଦ – ଆକାଶ, ଆଖି, ଗାଈ, ବଂଶୀ

ପ୍ରତିଶବ୍ଦ – ମୁରଲୀ, ଧେନୁ, ଗଗନ, ନୟନ

8. ନିମ୍ନଲିଖିତ ପ୍ରତ୍ୟୟଗୁଡ଼ିକ ମଧ୍ୟରୁ ଯେ କୌଣସି **3ଟି** ପ୍ରତ୍ୟୟକୁ ନେଇ ଗୋଟିଏ ଗୋଟିଏ ଶବ୍ଦ ଗଠନ କର । **3**

ଅନ, ଅବ, ଉଆ, ଇ

9. 'ସୋଦର' ଶବ୍ଦର ଅର୍ଥ ଯେଉଁଟି ଠିକ୍, ବଂଧନୀ ମଧ୍ୟରୁ ବାଛି ଲେଖ । **1**

[ ସହୋଦରଭାଇ, ସହୋଦର, ସମ୍ୟକ ଉଦାର, ସାଦର ]

10. ବଖାଣି ମହିମା .................... 'ବଖାଣି' ଶବ୍ଦର ଅର୍ଥ ବଂଧନୀ ମଧ୍ୟରୁ ବାଛି ଲେଖ । **1**
[ ଅର୍ଥ କରିବା, ବୁଝାଇ କହିବା, ପ୍ରକାଶ କରିବା ]

11. ନିମ୍ନଲିଖିତ ଶବ୍ଦ ସହିତ ଅନୁରୂପ ଶବ୍ଦ ସଂଯୋଗ କରି ଯୁଗ୍ମଶବ୍ଦରେ ପରିଣତ କର । **2**
ଅଦଳ, ଲୁଗା, ଘର, ଆଇନ

12. 'କ' ସ୍ତମ୍ଭ ଶବ୍ଦମାନଙ୍କ ସହ 'ଖ' ସ୍ତମ୍ଭର ସମାନାର୍ଥକ ଶବ୍ଦ ସହ ମିଳାଅ । **2**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଘଟ | ପଥ |
| ମାର୍ଗ | ସର୍ବଦା |
| ରୁଧିର | ପିଣ୍ଡ |
| ନିରନ୍ତର | ଶୋଣିତ |

13. ଏକ ପଦରେ ପ୍ରକାଶ କର । **2**
ଋଣ କରେ ଯେ, ଅନୁସଂଧାନ ପାଇଁ ଇଚ୍ଛୁକ ଯେ

14. ମସୁରୀ ପାହାଡ଼ର ସର୍ବୋଚ୍ଚ ସ୍ଥାନର ନାମ କ'ଣ ? **1**

15. ଶୁଦ୍ଧ ଶବ୍ଦ ବାଛି ଲେଖ । **1**
ମହତ୍ୱ, ମହତ୍ତ୍ୱ, ମହତ୍ତ୍ୱ

16. ନିମ୍ନପଦଟି କି ପ୍ରକାର ପଦ, ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । **1**
ଆବିଳ (ବିଶେଷ୍ୟ, ବିଶେଷଣ)

17. 'ବୋଇଲେ' ଏହାର ବର୍ତ୍ତମାନ ପ୍ରଚଳିତ ରୂପ ଲେଖ । **1**

18. 'ବର୍ଣ୍ଣ' ଏହାର ସମାନ ଅର୍ଥ ବୁଝାଉଥିବା ଆଉ ଏକ ଶବ୍ଦ ଲେଖ । **1**

19. ସଂକ୍ଷେପରେ ଉତ୍ତର ଦିଅ **(୬ଟିର)** । **$1\frac{1}{2} \times 6 = 9$**
(କ) ଗାଆଁର ବିଧବାଟି କିପରି ଜୀବନ କଟାଉଥିଲା ?
(ଖ) କାହାକୁ ଏବଂ କାହିଁକି କ୍ଷଣଦୀପିତା ବୋଲି କୁହାଯାଏ ?
(ଗ) ଯଶୋଦା ମୂର୍ଚ୍ଛିତା ହେଲେ କାହିଁକି ?
(ଘ) ଉତ୍କଳ ଲକ୍ଷ୍ମୀଙ୍କୁ ଦୋଳିରେ ଝୁଲାଇବାପାଇଁ କେଉଁମାନେ ଅପେକ୍ଷାକରି ବସିଛନ୍ତି ?
(ଙ) ସରୋବର ବର୍ଣ୍ଣନା କବିତାରେ କବି ନୀଳଶାଢ଼ୀ ବୋଲି କାହାକୁ କହିଛନ୍ତି ?
(ଚ) ବିଳଙ୍କ ରାଜାଙ୍କର ଅଗସ୍ତିଙ୍କ ପ୍ରତି କେଉଁ ଭାବ ପ୍ରକାଶ ପାଇଛି ?
(ଛ) ଯୁଧିଷ୍ଠିରଙ୍କ ସହିତ ସ୍ୱର୍ଗାରୋହଣ କରୁଥିବା କୁକୁରଟି ପ୍ରକୃତରେ କିଏ ?

20. ସଂକ୍ଷେପରେ ଯେ କୌଣସି **3ଟି** ପ୍ରଶ୍ନର ଉତ୍ତର ଦିଅ । **$3 \times 3 = 9$**

(କ) କମ୍ପ୍ୟୁଟରର ତିନୋଟି ଉପଯୋଗିତା ଆଲୋଚନା କର ।

(ଖ) ମସୁରୀ ଏକ କ୍ଷୁଦ୍ର ପାଶ୍ଚାତ୍ୟସହର – ବର୍ଣ୍ଣନା କର ।

(ଗ) ମାଡ଼ହାଣ୍ଡି ଗଳ୍ପରେ ଚୋରମାନେ ଗଲାପରେ ବୁଢ଼ୀ କ'ଣ କଲା ?

(ଘ) ଭାରତ ଇତିହାସରେ 1942 ମସିହା ଅଗଷ୍ଟ ୨ ତାରିଖ କାହିଁକି ପ୍ରସିଦ୍ଧ ?

21. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେ କୌଣସି **3ଟି** ପ୍ରଶ୍ନର ଉତ୍ତର ଦିଅ । **$3 \times 7 = 21$**

(କ) 'ଆଚାର୍ଯ୍ୟେ ଥିଲେ ବୋଲି' ଗଳ୍ପର ନାମକରଣର ସାର୍ଥକତା ପ୍ରତିପାଦନ କର ।

(ଖ) ମୂର୍ଖ ପଣ୍ଡିତ ସମସ୍ୟାର ସମାଧାନ କରିବାକୁ ଲେଖକ କି ପରାମର୍ଶ ଦେଇଛନ୍ତି ?

(ଗ) ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ ସଂପର୍କରେ ନୀଳକଣ୍ଠ ଦାସ ଯାହା କହିବାକୁ ଚାହିଁଛନ୍ତି ତା'ର ମର୍ମ ଲେଖ ।

(ଘ) 'ରେବତୀ' ଗଳ୍ପ ମାଧ୍ୟମରେ ଗାଳ୍ପିକ, ସମାଜର କେଉଁ ସଂସ୍କାର ଆଣିବାକୁ ଚେଷ୍ଟା କରିଛନ୍ତି ?

(ଙ) 'ଆମଘର ହାଲଚାଲ' ରେ ଲେଖକ କାହିଁକି ନିଜକୁ ଦୋନା ବୁଢ଼ିଆ ଗୋଠ ଖଣ୍ଡିଆ ବୋଲି କହିଛନ୍ତି ?

22. ଯେ କୌଣସି **2ଟି** ପ୍ରଶ୍ନର ଉତ୍ତର ଦିଅ । **$6 + 6 = 12$**

(କ) ଗାଁର ସ୍ମୃତିକୁ ମନମଧ୍ୟରୁ ପୋଛିନପାରି କବି ନିଜ ଗାଁ ପ୍ରତି ଅକପଟ ସମ୍ମାନ ପ୍ରଦର୍ଶନ କରଛନ୍ତି – ବ୍ୟାଖ୍ୟା କର ।

(ଖ) 'ବିଶ୍ୱରୂପ ଦର୍ଶନ' କହିଲେ କ'ଣ ବୁଝ ? ଆଲୋଚନା କର ।

(ଗ) ଇନ୍ଦ୍ରଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷାରେ ଯୁଧିଷ୍ଠିର କିପରି ଉତ୍ତୀର୍ଣ୍ଣ ହୋଇଥିଲେ, ଆଲୋଚନା କର ।

23. ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ (**200ଟି**ଶବ୍ଦ ମଧ୍ୟରେ) । **10**

(କ) ଓଡ଼ିଶାର କୃଷି ଓ କୃଷକ

(ଖ) ବିଦ୍ୟାଳୟ ପାଠାଗାର

(ଗ) ଟେଲିଭିଜନ

24. ଦୈନିକ ସଂବାଦପତ୍ର ପଢ଼ିବା ଅଭ୍ୟାସ କରିବା ପାଇଁ ସାନଭାଇକୁ ଉପଦେଶ ଦେଇ ଏକ ଚିଠି ଲେଖ । **5**

**ଅଥବା**

ତୁମ ଗ୍ରାମରେ ଏକ ଡାକ୍ତରଖାନାର ଆବଶ୍ୟକତା ଦର୍ଶାଇ ନୂଆ ଡାକ୍ତରଖାନା ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କୁ ଏକ ଆବେଦନ ପତ୍ର ଲେଖ ।

25. ଓଡ଼ିଆରେ ଅନୁବାଦ କର । **2**

(i) Health is wealth.

(ii) Keep to the left.